# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**24 September– 2026**

# ପାଣିପାଗ-ବର୍ଷା

ପଶ୍ଚିମ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଆନ୍ଧ୍ରପ୍ରଦେଶର କଳିଙ୍ଗପଟନମ୍‌ରେ ଗତକାଲି ବିଳମ୍ବିତ ରାତିରେ ସ୍ଥଳଭାଗ ଅତିକ୍ରମ କରିଛି । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ଅତିରୁ ଅତିପ୍ରବଳ ବର୍ଷା ହେବା ନେଇ ନବରଙ୍ଗପୁର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ବରଗଡ, ନୂଆପଡା, ବଲାଙ୍ଗୀର, କୋରାପୁଟ, ମାଲକାନଗିରି ଓ କଳାହାଣ୍ଡି ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏ ସମ୍ପର୍କରେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି...**V/O**

ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ୩ହଜାର ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ଏହାସହ ୧୦ଟି ଜିଲ୍ଲାରେ ଆଜିପାଇଁ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି । ପ୍ରଭାବିତ ସ୍ଥାନ ଗୁଡ଼ିକରେ ୩୩ଟି ଓଡ୍ରାଫ ଟିମ୍ ନିୟୋଜିତ କରାଯାଇଛି ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଆବଶ୍ୟକ ଜରୁରୀକାଳୀନ ଔଷଧ ମହଜୁଦ ରଖାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ବର୍ଷା ସ୍ଥିତିର ସମୀକ୍ଷା କରି ଶୂନ୍ୟ ମୃତ୍ୟୁ ଉପରେ ଗୁରୁତ୍ୱ

ଦେଇଥିଲେ । ଏହାସହ ପ୍ରତ୍ୟେକ ବିଭାଗକୁ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀ-ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୬ତମ ଉଚ୍ଚସ୍ତରୀୟ ଅନୁମୋଦନ କମିଟି ବୈଠକରେ ୨୭ଟି ପ୍ରମୁଖ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ୧୫ଟି ଜିଲ୍ଲାରେ ଏହି ପ୍ରକଳ୍ପ ଗୁଡ଼ିକରେ ୨ଲକ୍ଷ ୪୭ହଜାର ୧୧୫ କୋଟି ଟଙ୍କା ପୁଞ୍ଜିନିବେଶ କରାଯିବ । ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ଡାଟା ସେଣ୍ଟର ଏବଂ ଏଆଇ, ଶକ୍ତି ଓ ଇସ୍ପାତ, ସେମି କଣ୍ଡକ୍ଟର, ସବୁଜ ଶକ୍ତି, ସ୍ୱାସ୍ଥ୍ୟସେବା, ବୟନଶିଳ୍ପ ଓ ଜାହାଜ ନିର୍ମାଣ ରହିଛି । ଏହାଦ୍ୱାରା ୫୦ହଜାର ୧୬୨ଟି ନିଯୁକ୍ତି ସୃଷ୍ଟି ହେବ ବୋଲି କୁହାଯାଇଛି ।

## ସମ୍ୱନ୍ଧ ଅଭିଯାନ ଆରମ୍ଭ

ରାଜ୍ୟରେ ସମବାୟ କ୍ଷେତ୍ରକୁ ସୁଦୃଢ଼ କରିବା ନିମନ୍ତେ ବୃହତ୍ ସମବାୟ ସଦସ୍ୟତା ଅଭିଯାନ 'ସମ୍ୱନ୍ଧ' ଆରମ୍ଭ କରାଯିବ । ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସଦସ୍ୟତା ଅଭିଯାନରେ ଶୁଭାରମ୍ଭ କରିବେ । ସଦସ୍ୟତା ପଞ୍ଜିକରଣକୁ ସହଜ ଓ ସ୍ୱଚ୍ଛ କରିବା ପାଇଁ ନୂଆ ମୋବାଇଲ୍ ଆପ୍‌ର ମଧ୍ୟ ଶୁଭାରମ୍ଭ ହେବ । ଏଥିରେ ବଡମ୍ବା ଏବଂ ଆସିକା ଚିନିକଲ କାର୍ଯ୍ୟକ୍ଷମ କରିବା ନେଇ ଯୋଜନାର ଆରମ୍ଭ କରାଯିବା ସହ ପ୍ରାଥମିକ

କୃଷି ସମବାୟ ସମିତି ଓ ବହୁମୂଖୀ ସମବାୟ ସମିତି ଗୁଡ଼ିକର ଚାଷୀ ସଦସ୍ୟମାନଙ୍କୁ ଲାଭାଂଶ ପ୍ରଦାନ କରାଯିବ ।

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଅକ୍ଟୋବର ମାସ ୨୭ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ସାଂସଦ ନବଚରଣ ମାଝି ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଶ୍ରୀ ମାଝୀ କହିଛନ୍ତି ରାଇରଙ୍ଗପୁରରେ ଆୟୋଜିତ ହେବାକୁ ଥିବା ବୃହତ୍ ଚକ୍ଷୁ ଚିକିତ୍ସା ଶିବିରରେ ରାଷ୍ଟ୍ରପତି ଯୋଗଦେବା ସହ ବହଳଦାସ୍ଥିତ ମା' କୀଚକେଶ୍ୱରୀ ମନ୍ଦିର ପରିଦର୍ଶନ କରିବେ ।

## ଉଚ୍ଚଶିକ୍ଷାନୁଷ୍ଠାନ-କିସ୍ତି ପ୍ରଦାନ

ନିଃଶୁଳ୍କ ଶିକ୍ଷା ଯୋଜନା ଜ୍ଞାନୋଦୟ ଅଧୀନରେ ଚଳିତ ଶିକ୍ଷାବର୍ଷ ପାଇଁ ଯୋଗ୍ୟ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକୁ ଦ୍ୱିତୀୟ କିସ୍ତି ସ୍ୱରୂପ ୧୪କୋଟି ୩୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ସୂଚନା ଅନୁଯାୟୀ ପ୍ରଥମ କିସ୍ତି ସ୍ୱରୂପ ପୂର୍ବରୁ ୯ କୋଟି ୫୬ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସାମ୍ସ ମାଧ୍ୟମରେ ଆଉ ୩ଟି କିସ୍ତିରେ ସମ୍ପୂର୍ଣ୍ଣ ଅର୍ଥରାଶି ପ୍ରଦାନ କରାଯିବ ବୋଲି ଜଣାପଡିଛି ।

## ସ୍ୱତନ୍ତ୍ର ମେଗା ଡ୍ରାଇଭ୍

ନୂଆପଡା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଆର୍ଥିକ ଓ ସାମାଜିକ ଦୁର୍ବଳ ବର୍ଗର ଲୋକମାନଙ୍କୁ ମାଗଣା ଆଇନ୍‌ସେବା ଯୋଗାଇଦେବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ୬୦ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ସୁନାବେଡା ଅଭୟାରଣ୍ୟ ମଧ୍ୟରେ ଥିବା ଗ୍ରାମପଞ୍ଚାୟତ ଗୁଡ଼ିକରେ ଅନୁଷ୍ଠିତ ହେବ ।

## ବଳିବାମନ ବେଶ

ପୁରୀ ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କ ବଳିବାମନ ବେଶ ହେବ । ଦ୍ୱିପ୍ରହର ନୀତି ଶେଷ ହେବା ପରେ ବାମନରୂପୀ ବାଳକ ରୂପରେ ଶ୍ରୀଜଗନ୍ନାଥ ରତ୍ନ ସିଂହାସନରେ ଉଭା ହେବେ । ଶ୍ରୀ ବଳଭଦ୍ର ରାଜବେଶ ଏବଂ ଦେବୀ ସୁଭଦ୍ରା ସାଧାରଣ ବେଶରେ ସଜ୍ଜିତ ହେବେ । ଗତକାଲି ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି ସମ୍ପନ୍ନ ହୋଇଥିବାବେଳେ ନୟାଗଡସ୍ଥିତ ନୀଳମାଧବ ପୀଠ ଓ ଶ୍ରୀ ରଘୁନାଥଜୀଉଙ୍କ ପୀଠରେ ବାମ ଜନ୍ମ ନୀତି ପାଳିତ ହୋଇଯାଇଛି ।

## ଫୁଟବଲ

ଓଡ଼ିଶା ଫୁଟବଲ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ପକ୍ଷରୁ ଆୟୋଜିତ ଆନ୍ତଃ ଜିଲ୍ଲା ବରିଷ୍ଠ ପୁରୁଷ ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୁନ୍ଦରଗଡ଼, ଭୁବନେଶ୍ୱର, ସୁବର୍ଣ୍ଣପୁର ଓ ନୂଆପଡା ଜୋନ୍‌ରେ ଆରମ୍ଭ

ହୋଇଛି । ଗତକାଲି ଭୁବନେଶ୍ୱର ଜୋନ୍ ମ୍ୟାଚ୍‌ରେ ଝାରସୁଗୁଡା ଏବଂ ଭୁବନେଶ୍ୱର ବିଜୟୀ ହୋଇଛନ୍ତି । ସୁବର୍ଣ୍ଣପୁର ଜୋନ୍‌ରେ ଖୋର୍ଦ୍ଧା ଏବଂ ଗଞ୍ଜାମ ଜିତିଥିବାବେଳେ ସୁନ୍ଦରଗଡ଼ ଯୋନ୍‌ରେ ବଲାଙ୍ଗିର ବିଜୟୀ ହୋଇଛି ।

## ଏସୀଆନ୍ ଗେମ୍ସ

ଜାପାନରେ ଚାଲିଥିବା ଏସୀୟ କ୍ରୀଡ଼ାର ଆଜି ପଞ୍ଚମ ଦିନରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ନୌକାଚାଳନା, ଉସୁ, ବନ୍ଧୁକଚାଳନା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ । ଉସୁ ଖେଳାଳି ରୋଷିବିନା ଦେବୀ ମହିଳା ୬୦ କିଲୋଗ୍ରାମ ବର୍ଗରେ ଫାଇନାଲରେ ଚୀନ୍‌ର ଖେଳାଳିଙ୍କ ସହ ମୁକାବିଲା କରିବାକୁ ଥିବାବେଳେ ଅନିମେଷ କୁଜୁର ଏବଂ ଗୁରିନ୍ଦରବୀର୍ ସିଂହ ପୁରୁଷ ୧୦୦ ମିଟର ଦୌଡ଼ରେ ପ୍ରଦର୍ଶନ କରିବେ ।